# Akashvani, Sambalpur

## SAMBALPURI NEWS MORNING BULLETIN

## 21 March 2026 - 6.47- 6.52 am.

---

ବଜେଟ୍       ଆର୍‌ଏନ୍‌ୟୁ/ ସମ୍ବଲପୁର

୨୦୨୬-୨୭ ଆର୍ଥିକ୍ ବଛରେ ଉଚ୍ଚଶିକ୍ଷା ବିଭାଗ୍ ଲାଗି ୩ ହଜାର୍ ୬ ଶହ ୬୪ କୋଟି ୪୦ ଲାଖ୍ ଟଙ୍କାର୍ ଖର୍ଚ୍ଚା ଦାବି ଗଲାକାଏଲ୍ ବିଧାନ୍‌ସଭା ନ ମଞ୍ଜୁର୍ ହେଇଛେ । ସେନ୍ତା ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍‌ର ୩୧ ହଜାର୍ ୯ ଶହ ୯୭ କୋଟିନୁ ଅଏତ୍‌କା ଟଙ୍କା ଆଉ ପୂର୍ତ୍ତ ବିଭାଗ୍‌ର ୧୩ ହଜାର୍ ୪ ଶହ ୫୧ କୋଟି ଖର୍ଚ୍ଚା ଦାବି ଭିଲ୍ ବିଧାନ୍‌ସଭା ନ ପାରିତ୍ ହେଇଛେ । ତିନ୍‌ହି ବିଭାଗ୍‌ର ମନ୍ତ୍ରୀ ଗଲାକାଏଲ୍ ଇ ବାବ୍‌ଦେ ସାମ୍ବାଦିକ୍ ମାନ୍‌କୁ ସୂଚ୍‌ନା ଦେଇଛନ୍ ।

ମୁଖ୍ୟ ଶାସନ୍ ସଚିବ-ଅଗ୍ନି ସୁରକ୍ଷା ବୈଠକ୍    ଆଇ ଆଣ୍ଡ୍ ପି.ଆର୍

ଅଗ୍ନି ସୁରକ୍ଷା ବାବଦ୍ ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ନ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ଇ ଅବ୍‌ସରେ ଶ୍ରୀମତୀ ଗର୍ଗ ଅଗ୍ନିକାଣ୍ଡନୁ ସୁରକ୍ଷା ଦିଗେ ପଦକ୍ଷେପ୍ ନେବାର୍‌କେ ଭିନ୍ ଭିନ୍ ବିଭାଗ୍‌କେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ପରାମର୍ଶ ଦେଇଛନ୍ । ଅଗ୍ନି ନିରାପତା ଦିଗେ ସର୍‌କାର୍‌ଙ୍କର୍ ତର୍‌ଫୁ ରହିଥିବା ପ୍ରସ୍ତୁତି ଆଉ ତୁର୍‌ତି ପ୍ରତିକ୍ରିୟା ବ୍ୟବସ୍ଥା ବାବ୍‌ଦେ ବୈଠକ୍‌ଥି ଆଲୋଚନା କରାଯାଇଥିଲା ।

ବନ୍ୟପ୍ରାଣୀ କମିଟି ବୈଠକ୍ ଆଇ ଆଣ୍ଡ୍ ପି.ଆର୍

ରାଜ୍ୟ ବନ୍ୟପ୍ରାଣୀ ପରିଷଦ୍ ସ୍ଥାୟୀ କମିଟିର୍ ବୈଠକ୍‌ଥି ଗଲାକାଏଲ୍ ବନ ବିଭାଗ୍‌ର ୬ ଟା ଉନ୍ନୟନ୍ ପ୍ରକଳ୍ପକେ ସୁପାରିଶ୍ କରାଯାଇଛେ । ସେଥିର୍‌ଭିତ୍‌ରେ ଜଙ୍ଗଲ୍ ଇଲାକା ନ ରହୁଥିବା ଲୁକ୍‌କର୍ ଲାଗି ଜଲ୍‌ସେଚନ୍ ଆଉ ପିଇବାର୍ ପାଏନ୍ ପ୍ରକଳ୍ପ ମାନ୍ ରହିଛେ । ଜଙ୍ଗଲ୍, ପରିବେଶ୍ ଆଉ ଜଲ୍‌ବାୟୁ ପରିବର୍ତନ୍ ମନ୍ତ୍ରୀ ଗଣେଶ୍‌ରାମ୍ ସିଂ ଖୁଁଟିଆଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି

ରାଜ୍ୟ ବନ୍ୟପ୍ରାଣୀଙ୍କର୍ ସଂରକ୍ଷଣ୍ ଆଉ ଇ ଦିଗେ ଦେଖାଦଉଥିବା ଭିନ୍ ଭିନ୍ ସମସ୍ୟାର୍ ସମାଧାନ୍ ଦିଗେ ଆଲୋଚନା କରାଯାଇଥିଲା ।

ନିଶା ଦରବ୍ ନିରୋଧୀ ଅଭିଯାନ୍ ଆଇ ଆଣ୍ଡ୍ ପି.ଆର୍

ନିଶା ଦରବ୍ ନିରୋଧୀ ଅଭିଯାନ୍‌ଥି ଓଡ଼ିଶା ପୁଲିସ୍ ୨୦୨୫ ଜାନୁଆରୀ ୧ ତାରିଖ୍‌ନୁ ୨୦୨୬ ଫେବୃଆରୀ ୨୮ ତାରିଖ୍ ଭିତ୍‌ରେ ସାରା ରାଏଜେ ୧ ହଜାର୍ ୪ ଶହ ୪୪ କୋଟିନୁ ଅଏତ୍‌କା ଟଙ୍କାର ଗଞ୍ଜେଇ ଚାଷ୍ ନଷ୍ଟ କରିଛେ । ଇତାର୍‌ସହେତେ ୪୧ କୋଟି ୭୦ ଲାଖ୍ ଟଙ୍କାର୍ ବ୍ରାଉନ୍ ସୁଗର୍, ୧୦ କୋଟି ୧୭ ଲାଖ୍ ଟଙ୍କାର୍ କଫ୍ ସିରପ୍ ଜବତ୍ କରିଛେ । ଇ ସମିଆଥି ୬ ଶହ ୫୪ ଝନ୍ ଆନ୍ତଃରାଜ୍ୟ ନିଶାବେପାରୀଙ୍କୁ ଗିରଫ୍ କରାଯାଇଛେ ବଲି ଗଲାକାଏଲ୍ ଭୁବ୍‌ନେଶ୍ୱର୍ ନ ହେଇଥିବା ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆ ସୂଚ୍‌ନା ଦେଇଛନ୍ । ଆଏବା ୩ ବଛର୍ ଭିତ୍‌ରେ ରାଏଜ୍‌କୁ ନିଶା କାର୍‌ବାର୍‌କେ ପୁରାପୁରି ଶେଷ୍ କରାଯିବା ବଲି ଶ୍ରୀ ଖୁରାନିଆ

କହିଛନ୍ । ନିଶା କାର୍‌ବାର୍ ବିରୋଧିରେ କାର୍ଯ୍ୟାନୁଷ୍ଠାନ୍ ଆଉ ସଠିକ୍ ତଦନ୍ତ ଲାଗି ଇ ଅବ୍‌ସରେ ସମ୍ବଲ୍‌ପୁର୍ ଆରକ୍ଷୀ ଅଧିକ୍ଷକ ମୁକେଶ୍ ଭାମୁଙ୍କୁ ସମ୍ମାନିତ୍ କରାଯାଇଛେ ।

ପଖାଲ୍ ଦିବସ- ବିଶ୍ୱରେକର୍ଡ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ପର୍ଯ୍ୟଟନ୍ ବିଭାଗ୍ ତର୍‌ଫୁ ୮ ଶହ ୫୦ କେଜି ଚାଉଲ୍‌ରେ ୧ ହଜାର୍ ୧ ଶହ ୭୪ କେଜି ପଖାଲ୍ ତିଆର୍ କରାଯାଇଥିଲା । ଇ ପଖାଲ୍ ୨ ହଜାର୍‌ନୁ ଅଏତ୍‌କା ଗରିବ୍ ଲୁକ୍‌କୁ ବଂଟାଯାଇଥିଲା । ଏକାସାଙ୍ଗେ ଏତେ ମାତ୍ରାରେ ପଖାଲ୍ ତିଆର୍ କରିକରି ପର୍ଯ୍ୟଟନ୍ ବିଭାଗ୍ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍‌ରେ ଠାନ୍ ପାଇଛେ ।

ଇଦ୍        ଆର୍‌ଏନ୍‌ୟୁ ସମ୍ବଲପୁର୍

ରାଏଜେ ଆଏଜ୍ ଇସ୍‌ଲାମ୍ ଧର୍ମାବଲମ୍ବୀଙ୍କର୍ ପବିତ୍ର ଇଦ୍-ଉଲ୍-ଫିତର୍ ପରବ୍ ପାଲନ୍ କରାଯାଉଛେ । ମୁସଲ୍‌ମାନ୍ ଭାଏବହେନ୍‌ମାନେ ଗଲା ମାସେ ହେଲା ପବିତ୍ର ରମ୍‌ଜାନ୍ ମାସ୍

ପାଲନ୍ କରିକରି ରୋଜା ରଖୁଥିଲେ । ଇ ଧରମ୍ ମାସ୍ ଆଏଜ୍ ଇଦ-ଉଲ୍-ଫିତର୍- 'ଇଦ୍' ସାଙ୍ଗେ ଶେଷ୍ ହେବା । ଆଝିର୍ ଦିନେ ଇଦ୍ ମୁବାରକ୍ କହିକରି ପରସ୍ପରକେ ଅଭିନନ୍ଦନ୍ ଜନାସନ୍ ।

ଇଦ୍-ଉଲ୍-ଫିତର୍ ଅବ୍‌ସରେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁସଲ୍‌ମାନ୍ ଭାଏ ବହେନ୍ ମାନ୍‌କୁ ଶୁଭେଚ୍ଛା ଜନେଇକରି ସମ୍‌କର୍ ସୁଖ୍, ସମୃଦ୍ଧି କାମ୍‌ନା କରିଛନ୍ ।

ଆନ୍ତର୍ଜାତିକ୍ ଜଙ୍ଗଲ୍ ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ଜଙ୍ଗଲ୍‌ର ମହତ୍ୱ ଆର୍ ସୁରକ୍ଷା ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ଜଙ୍ଗଲ୍ ଦିବସ୍ । ମିଲିତ୍ ଜାତିସଂଘର୍ ସାଧାରଣ ପରିଷଦ୍‌ର ପ୍ରସ୍ତାବ୍ ଅନ୍‌ସାରେ ୨୦୧୨ ମସିହାନୁ ଇ ଦିବସ୍ ପାଲନ୍ କରାଯାଉଛେ । ଇ ବଛ୍‌ରର୍ ବିଶ୍ୱ ଜଙ୍ଗଲ୍ ଦିବସ୍‌ର ବାର୍ତା ହେଉଛେ 'ଜଙ୍ଗଲ ଆଉ ଅର୍ଥନୀତି' ।

ବିଶ୍ୱ ଜଙ୍ଗଲ୍ ଦିବସ୍ ଅବ୍‌ସରେ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ପରିସର୍ ନ ହେବାର୍‌କେ ଥିବା ରାଜ୍ୟସ୍ତରୀୟ ସମାରୋହଥି

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ଆର୍ ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଶ୍ରୀ ଖୁଂଟିଆ ଶୁଭେଚ୍ଛା ଜନେଇଛନ୍ ।

ବିଶ୍ୱ କବିତା ଦିବସ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

କବି ମାନ୍‌କୁ ସମ୍ମାନ୍ ଦେବାର୍, କବିତାକେ ତହଁକାବାର୍ ଲାଗି ଆଏଜ୍ ବିଶ୍ୱ କବିତା ଦିବସ୍ ପାଲନ୍ କରାଯାଉଛେ । ମିଲିତ୍ ଜାତିସଂଘର୍ ଶୈକ୍ଷିକ, ବୈଜ୍ଞାନିକ୍ ଆର୍ ସାଂସ୍କୃତିକ୍ ସଂଗଠନ୍ ୟୁନେସ୍କୋ ତରଫୁ ୧୯୯୯ ମସିହା ନୁ ଆଝିରର୍ ଦିନ୍‌କେ ବିଶ୍ୱ କବିତା ଦିବସ୍ ଭାବେ ପାଲନ୍ କର୍‌ବାର୍ ଲାଗି ନିଷ୍ପତି ନିଆଯାଇଥିଲା । ଇ ବଛ୍‌ର ଇ ଦିବସ୍‌ର ବାର୍ତା ରହିଛେ 'ଶାନ୍ତି ଆଉ ଅନ୍ତର୍ଭୁକ୍ତି ଲାଗି କବିତା ଗୁଟେ ମାଧ୍ୟମ୍' ।

ଫିଟ୍ ଇଣ୍ଡିଆ କାର୍ନିଭାଲ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ସଭେ ସୁରକ୍ଷିତ୍ ରହୁନ୍ ଆଉ ସ୍ୱାସ୍ଥ୍ୟ ସୁରକ୍ଷିତ୍ ରହୁ ବାର୍ତା ନେଇକରି କ୍ରୀଡ଼ା ଆଉ ଯୁବବ୍ୟାପର ମନ୍ତ୍ରଣାଲୟ ତରଫୁ ଆଏଜ୍‌ଠାନୁ ପୁରୀ ନ ଫିଟ୍ ଇଣ୍ଡିଆ କାର୍ନିଭାଲ୍ ମୁଲ୍ ହେଇଛେ । ଆଏଜ୍ ସଖାଲର୍ ୬ ବଜେନୁ ଯୋଗ ପ୍ରଶିକ୍ଷଣ, ଜୁମ୍ବା ସହେତେ ଭିନ୍ ଭିନ୍ କ୍ରୀଡ଼ା ମୁଲ୍ ହେଇଛେ । ଇ ଅଧିବେଶନ୍ ୯ ବଜେତକ୍ ଚାଲ୍‌ବା । ଉପରବେଲା ସାଢ଼େ ୪ ବଜେନୁ ରାତିର୍ ସାଢ଼େ ୮ ବଜେତକ୍ ଆଉ ଗୁଟେ ଅଧିବେଶନ୍ ହେବା । ଫିଟ୍ ଇଣ୍ଡିଆ କାର୍ନିଭାଲ୍ ଆଏବା ୨୩ ତାରିଖ୍‌ତକ୍ ଚାଲ୍‌ବା ।

## ପାରା ଆଥ୍‌ଲେଟିକ୍ ଚମ୍ପିଆନ୍‌ସିପ୍ ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ କଲିଙ୍ଗ ଷ୍ଟାଡ଼ିୟମ୍ ନ ଚାଲିଥିବା ୨୪ ନମ୍ବର୍ ଜାତୀୟ ପାରା ଆଥ୍‌ଲେଟିକ୍ ଚମ୍ପିଆନ୍‌ସିପ୍-୨୦୨୬ ଥି ଗଲାକାଏଲ୍ ଓଡ଼ିଶାକେ ଗୁଟେ ସ୍ୱର୍ଣ୍ଣ ଆଉ ୩ ଟା ରୌପ୍ୟ ପଦକ ମିଲିଛେ । ଇତାର୍‌ସହେତେ ୨ ଦିନ୍ ଭିତ୍‌ରେ ଓଡ଼ିଶା ଦଲ୍ ୯ ଟା ପଦକ୍ ଜିତିଛନ୍ । ସେଥିର୍ ଭିତ୍‌ରେ ୩ ଟା ସ୍ୱର୍ଣ୍ଣ, ୪ ଟା ରୌପ୍ୟ ଆଉ ୨ ଟା କାଂସ୍ୟ ପଦକ୍ ରହିଛେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ଆଏବା ୨୪ ଘଂଟା ଭିତ୍ରେ ରାଜ୍ୟର୍ ବଡ଼ଭାଗୀ ଜାଗା ନ କାଲ୍ବୈଶାଖୀର୍ ପ୍ରଭାବ୍ଥି ଧୁଳକାଗର୍ଦ୍ଦି ଆଉ ବର୍ଷା ହେଇପାରେ । ଇ ସମିଆଥି ୫ଟା ଜିଲ୍ଲା ଲାଗି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ । ଆଏବା ୨ ଦିନ୍ ଭିତ୍ରେ ଦିନର୍ ତାପମାତ୍ରା ଆହୁରି ୨ ନୁ ୩ ଡିଗ୍ରୀତକ୍ କମ୍ବା । ତାର୍ ଉତ୍ରୁ ତାପମାତ୍ରା ଫେର୍ ବଢ଼ିପାରେ ବଲି ପାଣିପାଗ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ ।